## ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ପୁରୀଙ୍କ କାର୍ଯ୍ୟାଳୟ: ପୁରୀ

ପତ୍ର ସଂଖ୍ୟା ୨୧୪୨ ତାରିଖ ୩ . ୭ . ୨୦୨୧

### ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇଦିଆଯାଉ ଅଛି କି ସାକ୍ଷୀଗୋପାଳ କୃଷି ଫାର୍ମରେ ଥିବା ୧.୬ ଏକର ବିଶିଷ୍ଟ ଗୋଟିଏ ପୋଖରୀ ମାଛ ଚାଷ ନିମନ୍ତେ ୨୦୨୧-୨୨ ବର୍ଷ ଠାରୁ ୨୦୨୩-୨୪ ବର୍ଷ ପର୍ଯ୍ୟନ୍ତ ସର୍ବସାଧାରଣରେ ନିଲାମ କରାଯିବାକୁ ସ୍ଥିରକରାଯାଇଅଛି । ଏହି ନିଲାମକାର୍ଯ୍ୟକ୍ରମ ପାଇଁ ଇଚ୍ଛୁକ ଜନସାଧାରଣ ଉକ୍ତ କାର୍ଯ୍ୟାଳୟ ତହବିଲରେ ଟ.୧,୬୧,୫୦୦/- (ଏକ ଲକ୍ଷ ଏକଷଠି ହଜାର ପାଂଚଶହ ଟଙ୍କା) ମାତ୍ର ଅମାନତ ମୂଲ୍ୟ ଜମାକରି ସେମାନଙ୍କ ନିଲାମ ମୂଲ୍ୟ ଏକ ସାଧାକାଗଜରେ ଲେଖି ଜଉମୁଦା ଲଫାପାରେ ଆଧାର କାର୍ଡର ନକଲ ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା.୨୨.୦୭.୨୦୨୧ ରିଖ ଅପରାହ୍ନ ୦୨.୦୦ ଘଟିକା ସୁଧା ଦାଖଲକରିବେ । ଉକ୍ତ ଦିନ ଅପରାହ୍ନ ୦୪.୦୦ ଘଟିକା ସମୟରେ ସମସ୍ତ ନିଲାମ ଦାଖଲକାରୀଙ୍କ ଉପସ୍ଥିତିରେ ଲଫାପା ଖୋଲାଯାଇ ସବୁଠାରୁ ଅଧିକ ମୂଲ୍ୟ ଦେଇଥିବା ବ୍ୟକ୍ତିଙ୍କୁ ଉକ୍ତ ନିଲାମ ପ୍ରଦାନ କରାଯିବ ଏବଂ ସେହିଦିନ ଉକ୍ତ ବ୍ୟକ୍ତି ନିଲାମ ମୂଲ୍ୟ କାର୍ଯ୍ୟାଳୟରେ ଜମାକରିବେ ଓ ଉପଯୁକ୍ତ ଆଦେଶନାମା ଗ୍ରହଣକରିବେ । ନିଲାମ ନେବାପାଇଁ ବିବେଚିତ ହୋଇ ସଂପୂର୍ଣ୍ଣ ଅର୍ଥ ସେହିଦିନ ଜମା ନକଲେ, ଅମାନତ ମୂଲ୍ୟ ବାଜ୍ୟାପ୍ତି ହେବ । ନିଲାମ ଦିନଠାରୁ ତା.୩୧.୦୩.୨୦୨୪ରିଖ ପର୍ଯ୍ୟନ୍ତ ଉକ୍ତ ପୋଖରୀର କେବଳ ମାଛ ଧରିବା ପାଇଁ ହକ୍‌ଦାର ହେବେ । ପ୍ରକାଶଥାଉକି, ଉପରୋକ୍ତ ମାଛର ଜଗାରଖା ଦାୟିତ୍ୱ ନିଲାମ ନେଇଥିବା ବ୍ୟକ୍ତି ନିଜେ ବହନକରିବେ । ନିଲାମ ନେବା ବ୍ୟକ୍ତି କିମ୍ବା ତାଙ୍କ ଦ୍ୱାରା ପ୍ରୋତ୍ସାହିତ କୌଣସି ବ୍ୟକ୍ତି ଫାର୍ମ ଭିତରେ କୌଣସି ଅପ୍ରିତିକର କାର୍ଯ୍ୟ କରିବେ ନାହିଁ କିମ୍ବା ଏପରି କାର୍ଯ୍ୟରେ ସଂପୃକ୍ତ ରହିବେ ନାହିଁ । ଚୋରି କିମ୍ବା ପ୍ରାକୃତିକ ଦୁର୍ବିପାକ ଯୋଗୁ ଯଦି ମାଛ ନଷ୍ଟ ହୁଏ ନିମ୍ନ ସ୍ୱାକ୍ଷରକାରୀ ସେଥିପାଇଁ ଦାୟୀ ରହବେ ନାହିଁ ଓ ନିଜର ଅଧିକାର ବଳରେ ଉକ୍ତ ନିଲାମକୁ ଯେକୌଣସି ମୂହୂର୍ତ୍ତରେ କାରଣ ନ ଦର୍ଶାଇ ବାତିଲ କରିପାରିବେ ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ପୁରୀ

ଉପପତ୍ର ସଂଖ୍ୟା ୨୧୪୩ ତାରିଖ ୩ . ୭ . ୨୦୨୧

ଏହାର ଏକକିତା ନକଲ ଏହି ଦପ୍ତରର ନୋଟିସ୍ ବୋର୍ଡରେ ଜନସାଧାରଣଙ୍କ ଗୋଚରାର୍ଥେ ଲଗାଗଲା ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ପୁରୀ

ଉପପତ୍ର ସଂଖ୍ୟା ୨୧୪୪ ତାରିଖ ୩ . ୭ . ୨୦୨୧

ଏହାର ଏକକିତା ନକଲ ଏହି ଦପ୍ତରର ମୂଖ୍ୟ କିରାଣୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ଯଥା ଜଉମୁଦ ଲଫାପା ଗ୍ରହଣ କରିବା ନିମନ୍ତେ ପଠାଗଲା ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ପୁରୀ

ଉପପତ୍ର ସଂଖ୍ୟା ୨୧୪୫ ତାରିଖ ୩ . ୭ . ୨୦୨୧

ଏହାର ଏକକିତା ନକଲ କୃଷି ଓଭରସିୟର, ସାକ୍ଷିଗୋପାଳ ଫାର୍ମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ନୋଟିସକୁ ଫାର୍ମ ନୋଟିସ ବୋର୍ଡରେ ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ ଲଗାଇବାକୁ ଅନୁରୋଧ କରାଗଲା ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ପୁରୀ

ଉପପତ୍ର ସଂଖ୍ୟା ୨୧୫୦ ତାରିଖ ୩ . ୭ . ୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, ପୁରୀ /ଉପ ଜିଲ୍ଲାପାଳ, ପୁରୀ / ଜିଲ୍ଲା କୃଷି ଅଧିକାରୀ, ସାକ୍ଷିଗୋପାଳ / ତହସିଲଦାର, ସତ୍ୟବାଦୀ / ବ୍ଲକଉନ୍ନୟନ ଅଧିକାରୀ, ସତ୍ୟବାଦୀ / ଜିଲ୍ଲା ମତ୍ସ୍ୟ ଅଧିକାରୀ, ପୁରୀ / ଜିଲ୍ଲା ସୁଚନା ଅଧିକାରୀ, ପୁରୀ / କାର୍ଯ୍ୟକ୍ରମ ସଂଯୋଜକ, କୃଷି ବିଜ୍ଞାନକେନ୍ଦ୍ର, ପୁରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ନୋଟିସକୁ ତାଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ ଲଗାଇବାକୁ ଅନୁରୋଧ କରାଗଲା ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ପୁରୀ

ଉପପତ୍ର ସଂଖ୍ୟା ୨୧୫୧ ତାରିଖ ୩ . ୭ . ୨୦୨୧ .

ଏହାର ଏକକିତା ନକଲ ଯୁଗ୍ମ କୃଷି ନିର୍ଦ୍ଦେଶକ (ଫାର୍ମ ଏବଂ ବିହନ), ଓଡିଶା, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ପୁରୀ